ରାଜସ୍ଥାନ ରାଜ୍ୟ

ବନାମ

ଶାନ୍ତି

(ଫୌଜଦାରୀ ଆବେଦନ ସଂଖ୍ୟା 957/2003)

ଏପ୍ରିଲ 21, 2009

**[ଡ. ଅରିଜିତ ପଶାୟତ ଏବଂ ଅଶୋକ କୁମାର ଗାଙ୍ଗୁଲି, ନ୍ୟାୟମୂର୍ତ୍ତିଦ୍ୱୟ]**

*ନିଶା ଔଷଧ ଏବଂ ମାଦକ ଦ୍ରବ୍ୟ ଅଧିନିୟମ, 1985:*

*ଧାରା 9, 10, 42 (2), 50, 55 ଏବଂ 57 - ଅଫିମ ଜବତ - ଅଭିଯୁକ୍ତ ଗିରଫ ହେଲେ - ବିଚାରଣ ନ୍ୟାୟାଳୟ ଜାଣିବାକୁ ପାଇଲେ ଯେ ଧାରା 42 (2), 50,55 ଏବଂ 57 ର ଉଲ୍ଲଂଘନ ହୋଇଥିଲା ଏବଂ ଅଭିଯୁକ୍ତମାନଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ - ରାଜ୍ୟ ଦ୍ୱାରା କରାଯାଇଥିବା ଆବେଦନ ଉଚ୍ଚ ନ୍ୟାୟାଳୟ ଦ୍ୱାରା ଖାରଜ ହୋଇଥିଲା - ଆବେଦନ ଉପରେ, ନିର୍ଣ୍ଣୟ ହେଲା: ଧାରା 50 କେବଳ ସେତେବେଳେ ଲାଗୁ ହେବ ଯେତେବେଳେ ବ୍ୟକ୍ତିଗତ ତଲାସି ହେବ - ବିଚାରଣ ନ୍ୟାୟାଳୟ ଏବଂ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଲିପିବଦ୍ଧ କରାଯାଇଥିବା ପରି ଧାରା 42 (2) ର ଆବଶ୍ୟକତାକୁ ମଧ୍ୟ ଅନୁପାଳନ କରାଯାଇନାହିଁ - ତେଣୁ, ଆବେଦନରେ କୌଣସି ଯୋଗ୍ୟତା ନାହିଁ ।*

ଫୌଜଦାରୀ ଆବେଦନ କ୍ଷେତ୍ରାଧିକାରିତା :ଫୌଜଦାରୀ ଆବେଦନ ସଂଖ୍ୟା 957/2003 ।

ଏସ୍.ବି. ଫୌଜଦାରୀ ଆବେଦନ ସଂଖ୍ୟା 356/1991ରେ ରାଜସ୍ଥାନ ଉଚ୍ଚ ନ୍ୟାୟାଳୟର 08.03.2002 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ମନୀଷ ସିଂଭି ଏବଂ ମିଲିନ୍ଦ କୁମାର ।

ଉତ୍ତରଦାତାଙ୍କ ପାଇଁ ନନିତା ଶର୍ମା ।

ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଗଲା

**ନ୍ୟାୟମୂର୍ତ୍ତି ଡ. ଅରିଜିତ୍ ପଶାୟତ**ଙ୍କ ଦ୍ୱାରା । 1. ରାଜ୍ୟ ଏବଂ ଉତ୍ତରଦାତାଙ୍କ ପାଇଁ ବିଜ୍ଞ ଓକିଲଙ୍କୁ ଶୁଣିଲୁ ।

2. ଏହି ଆବେଦନରେ ଯୋଧପୁରସ୍ଥିତ ରାଜସ୍ଥାନ ଉଚ୍ଚ ନ୍ୟାୟାଳୟର ମାନ୍ୟବର ଏକକ ବିଚାରପତିଙ୍କ ରାୟକୁ ଆପତ୍ତି କରାଯାଇଛି, ଯେଉଁଥିରେ ବିଦ୍ୱାନ ଅତିରିକ୍ତ ଜିଲ୍ଲା ଏବଂ ଦୌରା ବିଚାରପତି ସଂଖ୍ୟା 2, ହନୁମାନଗଡ଼ଙ୍କ ଦ୍ୱାରା ଲିପିବଦ୍ଧ କରାଯାଇଥିବା ଦୋଷମୁକ୍ତି ନିଷ୍ପତ୍ତିର ସଠିକତା ଉପରେ ପ୍ରଶ୍ନ ଉଠାଯାଇ ରାଜ୍ୟ ପକ୍ଷରୁ ଦାୟର କରାଯାଇଥିବା ଆବେଦନକୁ ଖାରଜ କରାଯାଇଥିଲା । ନିଶା ଔଷଧ ଏବଂ ମାଦକ ଦ୍ରବ୍ୟ ଅଧିନିୟମ, 1985 (ସଂକ୍ଷେପରେ 'NDPS ଅଧିନିୟମ') ର ଧାରା 8 ଏବଂ 18 ଅନୁଯାୟୀ ଅପରାଧ ଘଟାଇଥିବା ଅଭିଯୋଗରେ ଦୁଇ ଜଣ ବ୍ୟକ୍ତି ବିଚାରର ସମ୍ମୁଖୀନ ହୋଇଥିଲେ ।

3. ଅଭିଯୋଗ ଥିଲା ଯେ 18/1/1999 ରେ ପିଲିବଙ୍ଗା ଥାନାର ଥାନାଧିକାରୀ ଗୁପ୍ତ ସୂଚନା ପାଇଥିଲେ ଯେ ଉତ୍ତରଦାତା ଶାନ୍ତି ଏବଂ ତାଙ୍କ ପୁଅ ଦର୍ଶନ ତାଙ୍କ ସ୍ୱାମୀ ଶଙ୍କର ଲାଲଙ୍କ ସହ ଅଭ୍ୟାସଗତ ଭାବରେ ଅଫିମ ବିକ୍ରୟ ଏବଂ କ୍ରୟରେ ଲିପ୍ତ ଥିଲେ ଏବଂ ଉତ୍ତରଦାତା ଶ୍ରୀମତୀ ଶାନ୍ତି ଏକ ନିର୍ଦ୍ଦିଷ୍ଟ ସ୍ଥାନ ନିକଟରେ ଅଫିମ ନେଇ ଆସିବେ ବୋଲି ଆଶା କରାଯାଉଥିଲା । ପୋଲିସ୍ ଅଧିକାରୀ ସେହି ସ୍ଥାନରେ ପହଞ୍ଚି ଦେଖିଲେ ଯେ ଉତ୍ତରଦାତା ହାତରେ ଏକ ବ୍ୟାଗ୍ ଧରିଥିଲେ । ତାଙ୍କୁ ଅଟକାଇ ତଲାସି କରାଯାଇଥିଲା । ଏହି ବ୍ୟାଗରେ ପ୍ରାୟ 10 କିଲୋଗ୍ରାମ ଅଫିମ ଥିବା ଦେଖିବାକୁ ମିଳିଥିଲା । ତାଙ୍କ ଦ୍ୱାରା ଦିଆଯାଇଥିବା ସୂଚନା ଅନୁଯାୟୀ, ତାଙ୍କ ଆବାସିକ ଘର ନିକଟରୁ ଆଉ 20 କିଲୋଗ୍ରାମ ଜବତ କରାଯାଇଥିଲା । ଦ୍ୱିତୀୟ ଥର 20 କିଲୋଗ୍ରାମ ଅଫିମ ଜବତ ମାମଲାରେ ଅଭିଯୁକ୍ତ ଶଙ୍କର ଲାଲଙ୍କୁ ମଧ୍ୟ ଗିରଫ କରାଯାଇଥିଲା । ତଦନ୍ତ ପରେ ଦୋଷାରୋପ ପତ୍ର ଦାଖଲ କରାଯାଇଥିଲା । ଯେହେତୁ ଅଭିଯୁକ୍ତ ବ୍ୟକ୍ତିମାନେ ନିର୍ଦ୍ଦୋଷତା ଆଳ ନେଇଥିଲେ, ବିଚାର ଅନୁଷ୍ଠିତ ହୋଇଥିଲା । ବିଚାରଣ ଅଦାଲତ ଜାଣିବାକୁ ପାଇଲେ ଯେ NDPS ଅଧିନିୟମର ଧାରା 42 (2), 50, 55 ଏବଂ 57 ର ବ୍ୟବସ୍ଥାର ଉଲ୍ଲଙ୍ଘନ ହୋଇଥିଲା ଏବଂ ଅଭିଯୁକ୍ତମାନଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ । ଦୋଷ ମୁକ୍ତି ଉପରେ ପ୍ରଶ୍ନ ଉଠାଇ ରାଜ୍ୟ ସରକାର ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ । ଉଚ୍ଚ ନ୍ୟାୟାଳୟ ରାଜ୍ୟ ଦ୍ୱାରା ଦାଖଲ ହୋଇଥିବା ଆବେଦନରେ କୌଣସି ଆଧାର ପାଇନଥିଲେ ଏବଂ ଏହାକୁ ଖାରଜ କରିଦେଇଥିଲେ ।

4. ବର୍ତ୍ତମାନର ଆବେଦନ ବିଷୟରେ, ଏହା ଧ୍ୟାନ ଦେବାକୁ ହେବ ଯେ ଉତ୍ତରଦାତା ସଂଖ୍ୟା 2 ଅର୍ଥାତ୍ ଶଙ୍କର ଲାଲଙ୍କ ବିରୋଧରେ ବିଶେଷ ଅନୁମତି ଆବେଦନ ଖାରଜ କରାଯାଇଥିଲା ଏବଂ ବର୍ତ୍ତମାନର ଉତ୍ତରଦାତାଙ୍କ ବିରୋଧରେ ବିଜ୍ଞପ୍ତି ଜାରି କରାଯାଇଥିଲା ।

5. ଆବେଦନକାରୀଙ୍କ ପାଇଁ ବିଜ୍ଞ ଓକିଲ କହିଥିଲେ ଯେ ଧାରା 50 ର କୌଣସି ପ୍ରୟୋଗ ନାହିଁ କାରଣ ଏଥିରେ କୌଣସି ବ୍ୟକ୍ତିଗତ ତଲାସି ନଥିଲା । ଏହା ମଧ୍ୟ ଦର୍ଶାଯାଇଛି ଯେ ଧାରା 55 ଏବଂ 57 ବାଧ୍ୟତାମୂଳକ ନୁହେଁ । ଅଭିଯୋଜନ ପକ୍ଷର କଥନ ସ୍ୱଷ୍ଟ ଭାବରେ ସ୍ଥାପିତ  ହୋଇଥିଲା । ଅନ୍ୟପକ୍ଷରେ ଉତ୍ତରଦାତାଙ୍କ ପାଇଁ ବିଜ୍ଞ ଓକିଲ ଉପସ୍ଥାପନ କରିଥିଲେ ଯେ ବିଚାରଣ ଅଦାଲତ ଏବଂ ଉଚ୍ଚ ନ୍ୟାୟାଳୟ ଜାଣିବାକୁ ପାଇଛନ୍ତି ଯେ ଧାରା 42 (2)ର ଆବଶ୍ୟକତା ଅନୁପାଳନ ହୋଇନାହିଁ ।

6. ଯେତେଦୂର ଧାରା 50 ସମ୍ବନ୍ଧରେ ବିଚାରଣ ଅଦାଲତ ଏବଂ ଉଚ୍ଚ ନ୍ୟାୟାଳୟ ଦ୍ୱାରା ଲିପିବଦ୍ଧ କରାଯାଇଥିବା ଉପସଂହାର ଜଡ଼ିତ, ସେଗୁଡ଼ିକ ଏହି ନ୍ୟାୟାଳୟ ଯାହା କହିଛନ୍ତି ତାହା ସହିତ ସମାନ ନୁହେଁ । ଧାରା 50ର ପ୍ରୟୋଗ କେବଳ ସେତେବେଳେ ହୋଇଥାଏ ଯେତେବେଳେ ବ୍ୟକ୍ତିଗତ ତଲାସି କରାଯାଉଥିଲା । ଏହି ଘଟଣାରେ, ଜବତ ହେବା ପରେ, ତାଙ୍କ ବ୍ୟାଗରୁ ନମୁନା ସଂଗ୍ରହ କରାଯାଇଥିଲା । ତଥାପି, ବିଚାରଣ ଅଦାଲତ ଏବଂ ଉଚ୍ଚ ନ୍ୟାୟାଳୟ ଉଭୟ ଦ୍ୱାରା ଲିପିବଦ୍ଧ କରାଯାଇଥିବା ଧାରା 42 (2) ର ଆବଶ୍ୟକତା ପାଳନ କରାଯାଇ ନାହିଁ । ଏପରି ହେବା ଦ୍ୱାରା ଏହି ଆବେଦନରେ କୌଣସି ଯୋଗ୍ୟତା ନାହିଁ ।

ତଦନୁଯାୟୀ ଆବେଦନକୁ ଖାରଜ କରାଯାଇଛି ।

ଜି.ଏନ୍.                                                                 ଆବେଦନ ଖାରଜ ହେଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***
ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।